# NATIONAL NEWS BULLETIN (ODIA)
## 22 May - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦେଶରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୯୦୪ ଜଣ ପ୍ରାର୍ଥୀ ଲଢ଼ିବେ ନିର୍ବାଚନ ।
- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିଲ୍ଲୀରେ ନିର୍ବାଚନ ପ୍ରଚାର କରିଛନ୍ତି ।
- ଇରାନ୍‌ର ରାଷ୍ଟ୍ରପତି ଏବଂ ବୈଦେଶିକ ମନ୍ତ୍ରୀଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତେହେରାନ୍‌ରେ ପହଞ୍ଚିଲେ ।
- ଦେଶରେ ଅଙ୍ଗପ୍ରତ୍ୟାରୋପଣ ପ୍ରକ୍ରିୟାରେ ଯୋଗାଯୋଗ ଏବଂ ଦକ୍ଷତା ବୃଦ୍ଧି କରିବାକୁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଏଲିମିନେଟର୍ ମ୍ୟାଚ୍‌ରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ।

– ଟସ୍ ଜିତି ରାଜସ୍ଥାନ ରୟାଲ୍ସର ଫିଲ୍ଡିଂ ନିଷ୍ପତ୍ତି ।

## ଇସି-ସେଭେନ୍ ଭେଜ୍

ଦେଶରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୯୦୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ । ନିର୍ବାଚନ ଆୟୋଗ କହିଛନ୍ତି, ଆସନ୍ତା ଜୁନ୍ ପହିଲାରୁ ହେବାକୁ ଥିବା ୫୭ଟି ଲୋକସଭା ଆସନ ପାଇଁ ମୋଟ୍ ୨ହଜାର ୧୦୫ଟି ନାମାଙ୍କନପତ୍ର ଦାଖଲ ହୋଇଥିଲା । ଯାଞ୍ଚ୍ ପରେ ୯୫୪ଟି ନାମାଙ୍କନପତ୍ର ବୈଧ ରହିଛି । ପଞ୍ଜାବରେ ସର୍ବାଧିକ ୧୩ଟି ଲୋକସଭା ଆସନରୁ ୫୯୮ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଉତ୍ତରପ୍ରଦେଶର ୧୩ଟି ଲୋକସଭା ଆସନରୁ ୪୯୫ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହି ଶେଷ ପର୍ଯ୍ୟାୟ ନିର୍ବାଚନରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ର ଗୋଟିଏ

ଆସନରେ ମତଦାନ ହେବ । ଆସନ୍ତା ୪ ତାରିଖରେ ସମସ୍ତ ପର୍ଯ୍ୟାୟର ଭୋଟ ଗଣତି ହେବ ।

## ପିଏମ୍‌-କ୍ୟାମ୍ପେନିଂ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦ୍ୱାରକାରେ ବିଜେପି ପ୍ରାର୍ଥୀ କବଲଜିତ୍‌ ସେହରାଓ୍ୱତଙ୍କ ସପକ୍ଷରେ ଏକ ସାକ୍ଷାରଣ ସଭାକୁ ସମ୍ବୋଧିତ କରିବେ । ପୂର୍ବରୁ ପ୍ରଧାନମନ୍ତ୍ରୀ  ଦିଲ୍ଲୀରେ ଏକ ନିର୍ବାଚନ ର୍‌ୟାଲିକୁ ସମ୍ବୋଧିତ କରିଛନ୍ତି ।  କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ମଧ୍ୟ ଦିଲ୍ଲୀରେ ଏକ ନିର୍ବାଚନ ର୍‌ୟାଲିରେ ଯୋଗ ଦେଇ ପ୍ରଚାର କରିଛନ୍ତି । ସେ ମଧ୍ୟ ଆଜି ସନ୍ଧ୍ୟାରେ ଭାଲସ୍ୱା ଡାଏରିରେ ଏକ ସାଧାରଣରେ ଉଦ୍‌ବୋଧନ ଦେବେ ।

## ଅମିତ ଶାହା

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଆଜି ପଶ୍ଚିମବଙ୍ଗର ଘାଟଲ ଠାରେ ଏକ ନିର୍ବାଚନ ର୍‌ୟାଲିକୁ ସମ୍ବୋଧିତ କରିଛନ୍ତି । ପାକ୍‌ ଅଧିକୃତ କାଶ୍ମୀର ଭାରତ ସହିତ ରହିଛି, ଆଗାମୀ ଦିନରେ ରହିବ ଏବଂ ଭାରତ ଏହାକୁ ଫେରାଇ ଆଣିବ ବୋଲି ଶ୍ରୀ ଶାହା

କହିଛନ୍ତି । ସେ କହିଛନ୍ତି, ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ଶାସନ କାଳରେ ରାଜ୍ୟରେ ଦୁର୍ନୀତି ବୃଦ୍ଧି ହେବା ସହ ରାଜ୍ୟବାସୀ ବିକାଶରୁ ବଞ୍ଚିତ ରହିଛନ୍ତି ।  ସନ୍ଦେଶଖାଲିରେ ଘଟିଥିବା ଘଟଣା ନାରୀର ସମ୍ମାନ ଉପରେ କଳଙ୍କ ଲଗାଇଥିବା ସେ କହିଛନ୍ତି । ପୂର୍ବରୁ ଶ୍ରୀ ଶାହା ରାଜ୍ୟର କାନ୍ତି ସଂସଦୀୟ କ୍ଷେତ୍ରରେ ପ୍ରଚାର କରିଥିଲେ । ସେ ଆଜି ପୁରୁଲିଆ ଏବଂ ବାଙ୍କୁରା ସଂସଦୀୟ କ୍ଷେତ୍ରରେ ମଧ୍ୟ ଦୁଇଟି ନିର୍ବାଚନ ର୍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

## ଆପ୍-ପାୱାର୍ ସପ୍ଲାଏ

ଆମ୍ ଆଦମୀ ପାର୍ଟି କହିଛି, ଦିଲ୍ଲୀରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଆପ୍ ସରକାର ସମସ୍ତଙ୍କୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ କରୁଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଆପ୍‌ର ବରିଷ୍ଠ ନେତା ଆତିଶି କହିଛନ୍ତି, ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ରଖିବାରେ ଦିଲ୍ଲୀ ସରକାର ବିଶ୍ୱାସ କରନ୍ତି ତାହା ବିଜେପି କରେନାହିଁ । ସେ କହିଛନ୍ତି, ବିଜେପି ଶାସିତ ହରିଆନା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ଭଳି ରାଜ୍ୟ ଅଘୋଷିତ ବିଦ୍ୟୁତ୍ କାଟ୍ ଜାରି ରହିଛି ।

ଜାତୀୟ ରାଜଧାନୀ ଦିଲ୍ଲୀକୁ ଯମୁନା ନଦୀର ପାଣି ଆସିବାକୁ ବିଜେପି ବାଧକ ସାଜିଛି । ସେ ଅଭିଯୋଗ କରିଛନ୍ତି, ହରିଆନା ସରକାର ଯମୁନା ନଦୀର ପାଣିକୁ ଦିଲ୍ଲୀକୁ ଯିବା ପାଇଁ ବନ୍ଦ କରୁଛି ।

ଅପର ପକ୍ଷରେ ଦିଲ୍ଲୀ ପ୍ରଦେଶ ବିଜେପି ସଭାପତି ବୀରେନ୍ଦ୍ର ସଚଦେବା ଆପ୍ ସରକାର ନିଜ ଦଳର ଭୁଲ୍ ଲୁଚାଇବାକୁ ଯାଇ ବିଜେପିକୁ ସମାଲୋଚନା କରୁଛି । ଜଳାଭାବ ଦୂର କରିବା ପାଇଁ ଦିଲ୍ଲୀ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ସଚଦେବା ପାଲଟା ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, ଆପ୍ ତାର ଦୁର୍ବଳତା ଲୁଚାଇବା ପାଇଁ ଏବଂ ସ୍ୱାତୀ ମାଲିୱାଲ୍ ଘଟଣାରୁ ଲୋକମାନଙ୍କ ଦୃଷ୍ଟି ବିଭ୍ରାନ୍ତ କରିବାକୁ ଆପ୍ ଏଭଳି ଭିତ୍ତିହୀନ ଅଭିଯୋଗ କରୁଛି ।

## ହରିଆନା

ହରିଆନାରରେ ଅନୁଷ୍ଠିତ ହେବାକୁଥିବା ୧୦ଟି ଲୋକସଭା ଆସନ ପାଇଁ ଜୋରସୋର୍‌ରେ ପ୍ରଚାର ଚାଲିଛି । ଉଭୟ କଂଗ୍ରେସ ଓ ବିଜେପିର ଶୀର୍ଷ ନେତାମାନେ ଲୋକଙ୍କୁ ସମର୍ଥନ ହାସଲ କରିବାକୁ ଚେଷ୍ଟା ଜାରି ରଖିଛନ୍ତି ।

ଭିୱାନୀରେ ଅନ୍ୟ ଏକ ର୍ୟାଲିକୁ ସମ୍ବୋଧିତ କରି ବିଜେପିର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପୂର୍ବତନ ସୈନିକଙ୍କ କଲ୍ୟାଣ ପ୍ରସଙ୍ଗରେ କଂଗ୍ରେସକୁ ସମାଲୋଚନା କରିଛନ୍ତି । ବିଜେପି ସରକାର ହିଁ ସେନା ପାଇଁ 'ଏକ ର୍ୟାଙ୍କ୍ ଏକ ପେନ୍‌ସନ୍' ଲାଗୁ କରିଛନ୍ତି ବୋଲି ସେ କହିଛନ୍ତି । ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିୱାନୀ ମହେନ୍ଦ୍ରଗଡ଼ ସଂସଦୀୟ କ୍ଷେତ୍ରରେ ଆସନ୍ତାକାଲି ପ୍ରଚାର କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

ଅନ୍ୟ ପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧି ମହେନ୍ଦ୍ରଗଡ଼ ଭିୱାନୀ ସଂସଦୀୟ କ୍ଷେତ୍ରର ଚର୍ଖିଦାଦରିରେ ଏକ ନିର୍ବାଚନ ର୍ୟାଲିକୁ ସମ୍ବୋଧିତ କରି ଅଗ୍ନିବୀର ଯୋଜନା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି । ଇଣ୍ଡି ମେଣ୍ଟ କ୍ଷମତାକୁ ଆସିଲେ ଏହି ଯୋଜନାକୁ ଉଚ୍ଛେଦ କରିବା ସହ ଚାଷୀଙ୍କ ଋଣ ଛାଡ଼ କରିବ । ଏହାସହ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ୍ ଆଣିବ ।

## ଇସିଆଇ

ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବା ସମୟରେ ଦଳର ତାରକା ପ୍ରଚାରକମାନଙ୍କୁ କୌଣସି ଆପତ୍ତିଜନକ ମନ୍ତବ୍ୟ ନ ଦେବା ପାଇଁ ଆନୁଷ୍ଠାନିକ ଭାବେ ସତର୍କ କରିବାକୁ ନିର୍ବାଚନ ଆୟୋଗ ବିଜେପି ଅଧ୍ୟକ୍ଷ

ଜେ.ପି. ନଡ୍ଡା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦୁଇ ଦଳର ସଭାପତିମାନଙ୍କୁ ନୋଟିସ୍ ଜାରି କରି ଆୟୋଗ ଉଲ୍ଲେଖ କରିଛନ୍ତି, କୌଣସି ଦଳ କିମ୍ବା ପ୍ରାର୍ଥୀ ସେଭଳି ଆପତ୍ତିଜନକ ମନ୍ତବ୍ୟ ଦେବାରୁ ବିରତ ରହିବା ଉଚିତ୍, ଯାହା ସାମ୍ପ୍ରଦାୟିକ ମତଭେଦକୁ ବୃଦ୍ଧି କରିବ ।

ଆୟୋଗ ଶ୍ରୀ ନଡ୍ଡାଙ୍କୁ ତାଙ୍କ ଦଳର ତାରକା ପ୍ରଚାରକମାନଙ୍କୁ ସମାଜକୁ ବିଭାଜିତ କରିବାର ସମ୍ଭାବନା ଥିବା ଭାଷଣ ନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରର ଶାସକ ଦଳ ଭାବେ ବିଜେପିକୁ ଭାରତର ସାମଗ୍ରୀକ ଏବଂ ସମ୍ବେଦନଶୀଳ ଦିଗ ପ୍ରତି ଦୃଷ୍ଟି ଦେଇ ପ୍ରଚାର କରିବାକୁ ଆୟୋଗ କହିଛନ୍ତି । ଅପର ପକ୍ଷରେ ପ୍ରତିରକ୍ଷା ବାହିନୀକୁ ରାଜନୀତି ଭିତରକୁ ନ ଆଣିବାକୁ କମିଶନ୍ କଂଗ୍ରେସ ତାରକା ପ୍ରଚାରକମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

ନିର୍ବାଚନ ପ୍ରଚାର ବେଳେ ଭାରତୀୟ ସମ୍ବିଧାନକୁ ଉଚ୍ଛେଦ କିମ୍ବା ବିକ୍ରି କରିବା ଭଳି ମିଥ୍ୟା ଧାରଣା ସୃଷ୍ଟି ନ କରିବାକୁ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଖଡ଼ଗେଙ୍କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ହେଉଛି ଏକ ପ୍ରକ୍ରିୟା, ଯେଉଁଠି ରାଜନୈତିକ ଦଳମାନେ କେବଳ ବିଜୟଲାଭ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ନାହିଁ ବରଂ ମତଦାତା ସମୁଦାୟ ପାଇଁ ନିଜକୁ ଆଦର୍ଶ ସର୍ବୋତ୍ତମ ଭାବରେ ଉପସ୍ଥାପନ କରନ୍ତି ବୋଲି ସେ କହିଛନ୍ତି । ନିର୍ବାଚନ ସମୟରେ କୌଣସି ରାଜନୈତିକ ପ୍ରଚାରରୁ ଦୂରେଇ ରହି ଶୃଙ୍ଖଳା ବଜାୟ

ରଖିବାକୁ ସେ ଦଳ ଏବଂ ପ୍ରାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି । ନିର୍ବାଚନ ପ୍ରଚାର ସମୟରେ କିଛି ଆପତ୍ତିଜନକ ମନ୍ତବ୍ୟକୁ ନେଇ ଉଭୟ ଦଳ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ଭିପି-ଇରାନ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଇରାନ୍‌ର ଦିବଙ୍ଗତ ରାଷ୍ଟ୍ରପତି ସୟଦ୍ ଇବ୍ରାହିମ୍ ରାଇସି ଏବଂ ବୈଦେଶିକ ମନ୍ତ୍ରୀ ଏଚ୍. ହମୀର୍ ଅବଦୁଲ୍ଲାହିଆନ୍‌ଙ୍କ ପରଲୋକ ପରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଇରାନ୍‌ର ତେହେରାନ୍ ଠାରେ ପହଞ୍ଚିଛନ୍ତି । ଉପରାଷ୍ଟ୍ରପତି ଶ୍ରୀ ଧନ୍‌ଖଡ଼ଙ୍କୁ ତେହେରାନ୍ ଠାରେ ଇରାନ୍ ସରକାରଙ୍କ ଉଚ୍ଚ କର୍ତ୍ତୃପକ୍ଷ, ମନ୍ତ୍ରୀ ତଥା ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀମାନେ ସ୍ୱାଗତ କରିଥିଲେ । ଦିବଙ୍ଗତ ରାଷ୍ଟ୍ରପତି ତଥା ବୈଦେଶିକ ମନ୍ତ୍ରୀଙ୍କ ଅନ୍ତେଷ୍ଟିକ୍ରିୟାରେ ଉପରାଷ୍ଟ୍ରପତି ଯୋଗଦେବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଇରାନ୍ ସରକାର ଏବଂ ସେଠାକାର ଜନସାଧାରଣଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ଭାରତ ଗତକାଲି ଏହି ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ଶୋକ ପାଳନ କରିଥିଲା ।

ବୈଦେଶିକ ମନ୍ତ୍ରୀ ଶ୍ରୀ ଜୟଶଙ୍କର ନୂଆଦିଲ୍ଲୀ ସ୍ଥିତ ଇରାନ୍ ଦୂତାବାସକୁ ଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ସୂଚନା ଯୋଗ୍ୟ ଗତ ୧୯ ତାରିଖରେ ଏକ ହେଲିକେପ୍ଟର ଦୁର୍ଘଟଣାରେ ଇରାନ୍‌ର ରାଷ୍ଟ୍ରପତି ଏବଂ ବୈଦେଶିକ ମନ୍ତ୍ରୀଙ୍କ ପରଲୋକ ଘଟିଥିଲା ।

## ଦିଲ୍ଲୀ ଏଚ୍‌ସି-ଅରଗାନ୍ ଟ୍ରାନ୍ସପ୍ଲାଣ୍ଟ

ଦେଶରେ ଅଙ୍ଗପ୍ରତ୍ୟାରୋପଣ ପ୍ରକ୍ରିୟାରେ ଯୋଗାଯୋଗ ଏବଂ କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ପାଇଁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅଙ୍ଗଦାତା ଏବଂ ଗ୍ରହଣକାରୀଙ୍କୁ ସେମାନଙ୍କ ଦସ୍ତାବିଜ୍‌ରେ ଯଦି କୌଣସି ତ୍ରୁଟି ଥିବ ସେମାନଙ୍କୁ ସଠିକ୍ ଭାବେ ହ୍ୱାଟସ୍‌ଆପ୍ କିମ୍ବା ଇ-ମେଲ୍ ମାଧ୍ୟମରେ ସୂଚନା ଦେବା ପାଇଁ ହାଇକୋର୍ଟ୍ ପରାମର୍ଶ ଦେଇଛନ୍ତି । ଅଙ୍ଗ ପ୍ରତ୍ୟାରୋପଣ ବିଜ୍ଞପ୍ତି ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଏବଂ ଏହାକୁ ସଠିକ୍ ରୂପେ ଯୋଗାଯୋଗ ସୁନିଶ୍ଚିତ କରିବାକୁ ହାଇକୋର୍ଟ ଏଭଳି ରାୟ ଦେଇଛନ୍ତି । ଅଙ୍ଗଦାନ ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ସଠିକ୍ ସୂଚନା ପ୍ରଦାନ ଉପରେ ଜଷ୍ଟିସ୍ ପ୍ରତିଭା ଏମ୍. ସିଂହ ଗୁରୁତ୍ୱାରୋପ କରିଛନ୍ତି ।

ଚଳିତ ବର୍ଷ ପ୍ରାରମ୍ଭରେ ଅଦାଲତ ମାନବ ଅଙ୍ଗ ଓ ଟିସୁ ପ୍ରତିରୋପଣ ଆଇନ୍ ୧୯୯୪ର ପ୍ରକ୍ରିୟାର ସମୀକ୍ଷା କରିଥିଲେ । ପ୍ରତିରୋପଣ ଆବେଦନ ଗୁଡ଼ିକୁ କିଭଳି ଦକ୍ଷତାର ସହ ନିର୍ଦ୍ଧାରିତ ସମୟସୀମାରେ ପରିଚାଳନା କରାଯିବ ତା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି ।

## ଆଇପିଏଲ୍

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଆଜିର ଆଇପିଏଲ୍ କ୍ରିକେଟ୍‌ର ଏଲିମିନେଟର୍ ମ୍ୟାଚ୍‌ରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ଟସ୍ ଜିତି ରାଜସ୍ଥାନ ରୟାଲ୍ସ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି । ଏହି ମ୍ୟାଚ୍‌ର ବିଜେତା ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ କ୍ୱାଲିଫାୟର୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ଭେଟିବ । ରବିବାର ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।